# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 11 June – 2026

************************************

## ମୁଖ୍ୟ ସମ୍ବାଦ

- ସ୍ୱଚ୍ଛ ପ୍ରଶାସନ ଓ ସହଭାଗିତା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାରି ରହିଛି ନୀତି ଆୟୋଗର ପରିଚାଳନା ପରିଷଦ ବୈଠକ
- କୃଷକଙ୍କ ସୁରକ୍ଷା ଓ ସମୃଦ୍ଧି ପାଇଁ ଗତ ୧୨ ବର୍ଷ ମଧ୍ୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ସରକାର
- ଖେଳ ଓ ଶୈଶବକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ଖେଳ ଦିବସ

ଏବଂ

- ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୩ ଦିନ ମଧ୍ୟରେ ଓଡ଼ିଶା ସ୍ପର୍ଶ କରିବା ନେଇ ପାଣିପାଗ ବିଭାଗର ଆକଳନ

# ପିଏମ୍-ନୀତି ଆୟୋଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ନୀତି ଆୟୋଗର ଏକାଦଶତମ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହେଉଛି । ଉଦ୍ୟୋଗ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ, ଦକ୍ଷତା ବୃଦ୍ଧି ଏବଂ ସ୍ଥାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି ପ୍ରଭୃତି ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା କରାଯାଉଛି । ଏକ ସମ୍ମିଳିତ କାର୍ଯ୍ୟାନ୍ୱୟନ ରୂପରେଖ ପ୍ରସ୍ତୁତ ନେଇ ବୈଠକରେ ଧ୍ୟାନ କେନ୍ଦ୍ରୀଭୂତ ହେବାର ଆଶା ରହିଛି । ସ୍ୱଚ୍ଛ ପ୍ରଶାସନ, ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଏବଂ ସହଭାଗିତା ଆଦି ବିଭିନ୍ନ କ୍ଷେତ୍ରରେ ପ୍ରଭାବଶାଳୀ ଢ଼ଙ୍ଗରେ କାର୍ଯ୍ୟକାରୀତା ନେଇ ବୈଠକରେ ମତ ବିନିମୟ ହେବାର ସମ୍ଭାବନା ରହିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଦେଶର ବିକାଶ ଯାତ୍ରାକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ସମ୍ମିଳିତ ଉଦ୍ୟମ ଜାରି ରଖିଛନ୍ତି । ୨୦୪୭ ବିକଶିତ ଭାରତ ପାଇଁ ସମାବେଶୀମାନଙ୍କ ବିକାଶ ପ୍ରସଙ୍ଗରେ ଏହି ବୈଠକ ଅନୁଷ୍ଠିତ ହେଉଛି । ପ୍ରତ୍ୟେକ ଭାରତୀୟଙ୍କ କଲ୍ୟାଣ ଏବଂ ବିକାଶ ଉପରେ ଏହି ପ୍ରସଙ୍ଗ ଗୁରୁତ୍ୱ ପ୍ରଦାନ କରୁଛି । ପରିଚାଳନା ପରିଷଦର ଦୃଷ୍ଟିକୋଣକୁ ସାକାର କରିବା ଏବଂ ନାଗରିକଙ୍କ ପାଇଁ ସୁଫଳକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ବୈଠକରେ ବିଚାରବିମର୍ଷ ହେବାର ଆଶା

କରାଯାଉଛି । ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ତଥା ଉପରାଜ୍ୟପାଳ ପ୍ରମୁଖ ବୈଠକରେ ଯୋଗଦେଇ ସମାବେଶୀ ବିକାଶ ଢ଼ାଞ୍ଚା ଉପରେ ମତ ବିନିମୟ କରୁଛନ୍ତି ।

English Pool

## ପିଏମ୍- କିଷାନ ସମ୍ମାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଗତ ୧୨ ବର୍ଷ ମଧ୍ୟରେ ଦେଶର ଅନ୍ନଦାତାଙ୍କ ଜୀବନରେ ସମ୍ମାନ, ସୁରକ୍ଷା ଓ ସମୃଦ୍ଧିର ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି। **'ବିହନରୁ ବଜାର'** ପର୍ଯ୍ୟନ୍ତ କୃଷକଙ୍କ କଲ୍ୟାଣକୁ କେନ୍ଦ୍ର କରି ପ୍ରଣୟନ କରାଯାଇଥିବା ନୀତିଗୁଡ଼ିକ କୃଷି କ୍ଷେତ୍ରକୁ ନୂତନ ଶକ୍ତି ଦେବା ସହିତ ଚାଷୀଙ୍କ ମଧ୍ୟରେ ନୂତନ ଆତ୍ମବିଶ୍ୱାସ ସୃଷ୍ଟି କରିଛି। ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସରକାର ଚାଷୀଙ୍କ କଲ୍ୟାଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଚାଷୀ ଭାଇ ଓ ଭଉଣୀମାନେ ଦେଶର ଖାଦ୍ୟ ସୁରକ୍ଷା ଓ ସମୃଦ୍ଧିର ପରିଚୟ ବୋଲି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି।

ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ରିପୋର୍ଟ...

ଅନ୍ନଦାତାମାନେ ହେଉଛନ୍ତି ଭାରତର ଭବିଷ୍ୟତର ମୂଳଦୁଆ। ଗତ ୧୨ ବର୍ଷ ମଧ୍ୟରେ କୃଷି କ୍ଷେତ୍ରରେ ବିକାଶ, ନବସୃଜନ ଓ ଜନକଲ୍ୟାଣକାରୀ ପଦକ୍ଷେପର ଏକ ନିରନ୍ତର ଯାତ୍ରା ଚାଷୀଙ୍କୁ ସମୃଦ୍ଧି ଆଡ଼କୁ ଆଗେଇ ନେଇଛି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା

ମାଧ୍ୟମରେ ପ୍ରତ୍ୟକ୍ଷ ଆୟ ସହାୟତା ପ୍ରଦାନ, କିଷାନ କ୍ରେଡିଟ୍ କାର୍ଡରେ ସଂସ୍ଥାଗତ ଋଣ ଏବଂ ଫସଲବୀମା ମାଧ୍ୟମରେ ବିପର୍ଯ୍ୟୟ ସୁରକ୍ଷାକୁ ସୁଦୃଢ଼ କରି ଲକ୍ଷ ଲକ୍ଷ ଚାଷୀଙ୍କ ପାଇଁ ସ୍ଥାୟୀ ସମୃଦ୍ଧି ଓ ଅଭିବୃଦ୍ଧିର ପଥ ପ୍ରଶସ୍ତ କରିଛି। ପିଏମ୍ କୁସୁମ ଏବଂ ଇ-ନାମ୍ ଭଳି ଐତିହାସିକ ପଦକ୍ଷେପ ଚାଷୀଙ୍କୁ ଆର୍ଥିକ ତଥା ସାମାଜିକ ସୁରକ୍ଷା ପ୍ରଦାନ କରିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ସ୍ୱାଭିମାନ ଓ ସଂକଳ୍ପକୁ ପାଥେୟ କରି ରାଜ୍ୟ ସରକାର ମଧ୍ୟ କୃଷକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି। ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ଧାନର କ୍ରୟ ମୂଲ୍ୟ, କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ବୃଦ୍ଧି କରି ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟପ୍ରଦାନ କରାଯାଉଛି। ସି.ଏମ୍.କିଷାନ ଯୋଜନା ଚାଷୀଙ୍କୁ ସମର୍ଥ କରୁଥିବା ବେଳେ 'ଶ୍ରୀ ଅନ୍ନ' ଅଭିଯାନ ମାଧ୍ୟମରେ ମାଣ୍ଡିଆ ଚାଷର ପ୍ରସାର ଏବଂ ରାଜବ୍ୟାପୀ ଶୀତଳ ଭଣ୍ଡାର ନିର୍ମାଣ କୃଷି ଅର୍ଥନୀତିକୁ ଏକ ନୂତନ ଦିଗ ଦେଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ଆସିପାରିଛି। ଅନ୍ନଦାତାଙ୍କ ପ୍ରଗତିକୁ ସମର୍ପିତ ଏହି ଗୌରବମୟ ଯାତ୍ରା 'କୃଷକ ସମୃଦ୍ଧି, ରାଷ୍ଟ୍ର ସମୃଦ୍ଧି'ର ଏକ ଅନନ୍ୟ ଉଦାହରଣ ଭାବେ ପରିଗଣିତ କରାଯାଉଛି।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

Desk

## ସଂଗୀତ ନାଟକ ଏକାଡେମୀ ପୁରସ୍କାର

କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ପକ୍ଷରୁ ୨୦୨୪-୨୫ ବର୍ଷ ପାଇଁ ୧୨ ଜଣ କଳାକାରଙ୍କୁ ପୁରସ୍କୃତ କରାଯାଇଛି । ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ, ମର୍ଦ୍ଦଳ ବାଦ୍ୟ, ନାଟକ ଓ ପାରମ୍ପରିକ କଳା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଏହି କଳାକାରମାନଙ୍କୁ ଜାତୀୟସ୍ତରରେ ସ୍ୱୀକୃତି ପ୍ରଦାନ କରାଯାଇଛି । ଓଡ଼ିଶୀ ନୃତ୍ୟ-୨୦୨୪ ବର୍ଷ ପାଇଁ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ ଓ ୨୦୨୫ ବର୍ଷ ପାଇଁ ଗୁରୁ ଇଲିଆନା ସିତାରିଷ୍ଟି ପୁରସ୍କୃତ ହୋଇଛନ୍ତି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ରାଜ୍ୟର ସମସ୍ତ ପ୍ରତିଭାବାନ ଓ ବରେଣ୍ୟ କଳାକାରମାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଏହି ସଫଳତା ଆଗାମୀ ପିଢ଼ିର କଳାକାରମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବ ।

BHK

## ଷ୍ଟାଡିୟମ୍‌ର ଉନ୍ନତିକରଣ

ଉଚ୍ଚଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆଜି ୨୩ କୋଟି ୫୮ ଲକ୍ଷ ଟଙ୍କା ବ୍ୟୟରେ ଭଦ୍ରକ ନେହରୁ ଷ୍ଟାଡିୟମ୍‌ର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଶ୍ରୀ ସୁରଜ କହିଛନ୍ତି, ଜିଲ୍ଲାର ୭ଟି ବ୍ଲକରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ୧୦୦ କୋଟି ଟଙ୍କା ବିନିଯୋଗ କରିବେ । ରାଜ୍ୟର ସମସ୍ତ ବ୍ଲକରେ କ୍ରୀଡ଼ାର ଅଗ୍ରଗତି ଓ ଉନ୍ନତି ପାଇଁ ସରକାର ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି । ୨୦୩୬ ମସିହା

ବିକଶିତ ଓଡ଼ିଶା ଗଠନ ସ୍ୱପ୍ନ ପୂରଣ ପାଇଁ ସମସ୍ତଙ୍କୁ ସଂକଳ୍ପ ନେବା ଲାଗି ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

Nabarangpur/Boudh/Nayagarh

## ଏସ୍.ଆଇ.ଆର୍.

**ନୟାଗଡ଼** ଜିଲ୍ଲାରେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ – ଏସ୍.ଆଇ.ଆର୍ ପ୍ରକ୍ରିୟା ଜାରି ରହିଛି । ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ମତଦାତାଙ୍କୁ ପରିଗଣନା ଫର୍ମ ପୂରଣ ନେଇ ମାର୍ଗଦର୍ଶନ କରୁଛନ୍ତି ।  ଗତ ୩୦ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଚଳିତ ମାସ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ।

**ବୌଦ୍ଧ** ଜିଲ୍ଲାରେ ଏସ୍.ଆଇ.ଆର୍ ପ୍ରକ୍ରିୟାକୁ ସଫଳ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି । ଜିଲ୍ଲାର ଆଦର୍ଶ କୃଷି ବଜାରରେ ଲୋକକଳା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

**ନବରଙ୍ଗପୁର** ଜିଲ୍ଲାରେ ଏସ୍.ଆଇ.ଆର୍ କାର୍ଯ୍ୟକ୍ରମରେ ବର୍ତ୍ତମାନ ସୁଦ୍ଧା ୮ ଲକ୍ଷ ୫୨ ହଜାର ୩୩୨ ଜଣ ଭୋଟରଙ୍କୁ ପରିଗଣନା ଫର୍ମ ପ୍ରଦାନ କରାଯାଇଛି । ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ୯୯ ଦଶମିକ ୩/୦ ପ୍ରତିଶତ ଭୋଟରଙ୍କୁ ପରିଗଣନା ଫର୍ମ ବିତରଣ କରିଛନ୍ତି । ଜିଲ୍ଲାରେ ଆଜିଠାରୁ ପରିଗଣନା ଫର୍ମର ଡିଜିଟାଇଜେସନ୍ ପ୍ରକ୍ରିୟା ଆରମ୍ଭ ହୋଇଛି ।

Baragarh

## ଉନ୍ନୟନମୂଳକ କାର୍ଯ୍ୟକ୍ରମ

ବରଗଡ଼ ଜିଲ୍ଲାର ରଜବୋଡ଼ାସମ୍ବର ବ୍ଲକକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଯୁଗ୍ମ ସଚିବ ଜୟଶ୍ରୀ ମଲ୍ଲିକ ଗସ୍ତ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଅନୁଧ୍ୟାନ କରିଛନ୍ତି । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ଶ୍ରୀମତୀ ମଲ୍ଲିକ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

Gajapati

## ଶିଶୁ ଶ୍ରମିକ ନିରୋଧ ଦିବସ

ଗଜପତି ଜିଲ୍ଲାରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ସାପ୍ତାହିକ ଅଭିଯାନ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଶିଶୁ ଶ୍ରମିକ ନିରାକରଣ, ଶିଶୁ ଅଧିକାର ସୁରକ୍ଷା ଓ ପ୍ରତ୍ୟେକ ଶିଶୁଙ୍କ ପାଇଁ ଶିକ୍ଷା ସୁନିଶ୍ଚିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ।

Nabarangpur

## ସାର ବିକ୍ରି

ନବରଙ୍ଗପୁର ଜିଲ୍ଲାରେ ଖରିଫ ଚାଷକୁ ଦୃଷ୍ଟିରେ ରଖି ସମବାୟ ଋଣ ନେଇଥିବା ଚାଷୀଙ୍କୁ ସାର ବିକ୍ରୟ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ

ଦିଆଯାଇଛି । ଚାଷୀଙ୍କ ନାମ ଓ ଚାଷ ଜମିର ପରିମାଣ ସମ୍ପର୍କିତ ତଥ୍ୟ ରେଜିଷ୍ଟ୍ରରରେ ପ୍ରଦର୍ଶନ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ କୃଷି ବିଭାଗ ପକ୍ଷରୁ କୁହାଯାଇଛି ।

Boudh

## ବିଦ୍ୟାଳୟ ଅନୁସ୍ଥାପନ କାର୍ଯ୍ୟକ୍ରମ

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକରେ ନିପୁଣ ବିଦ୍ୟାଳୟ ଅନୁସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟସ୍ତରରୁ ଆସିଥିବା ବିଭିନ୍ନ ଅଧିକାରୀ, ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଚଳିତ ବର୍ଷର ଯୋଜନା ସମ୍ପର୍କରେ ଅନୁସ୍ଥାପନ ରିପୋର୍ଟ ପ୍ରଦାନ କରାଯାଇଥିଲା । ଶିଶୁ ବାଟିକାରୁ ଆରମ୍ଭ କରି ତୃତୀୟ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ଏଥିରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଛି ।

Gajapati

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଗଜପତି ଜିଲ୍ଲାରେ ଗୁମ୍ମା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ମତ୍ସ୍ୟ ବିଭାଗ ପକ୍ଷରୁ ସଚେତନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ କାର୍ଯ୍ୟକ୍ରମରେ ଯୋଗଦେଇ ଚାଷୀମାନଙ୍କୁ ଉନ୍ନତମାନର ମତ୍ସ୍ୟ ଚାଷ ପଦ୍ଧତି ସମ୍ପର୍କରେ ଅବଗତ କରାଇଥିଲେ ।

Desk

## ଅନ୍ତର୍ଜାତୀୟ ଖେଳ ଦିବସ

ଶିଶୁଙ୍କ ଜୀବନ, ଶିକ୍ଷା ଓ ବିକାଶରେ ଖେଳର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଆଜି ଅନ୍ତର୍ଜାତୀୟ ଖେଳ ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'ଖେଳ ଓ ଶୈଶବକୁ ସୁରକ୍ଷା ଦେବା'। ମିଳିତ ଜାତିସଂଘର ସାଧାରଣ ସଭାରେ ଅନ୍ତର୍ଜାତୀୟ ଖେଳ ଦିବସ ପାଳନ ନିଷ୍ପତ୍ତି ନିଆଯାଇଥିଲା। ୧୯୮୯ ମସିହାରେ ଜାତିସଂଘ ଶିଶୁ ଅଧିକାର ସମ୍ମେଳନକୁ ପ୍ରଥମେ ଅନୁମୋଦନ ମିଳିଥିଲା। ଏହି ଅନ୍ତର୍ଜାତୀୟ ଚୁକ୍ତିନାମା ପ୍ରତ୍ୟେକ ଶିଶୁଙ୍କ ବିଶ୍ରାମ, ଅବକାଶ ଓ ବୟସ ଅନୁଯାୟୀ ଖେଳ ଏବଂ ମନୋରଞ୍ଜନ କାର୍ଯ୍ୟରେ ନିୟୋଜିତ ସାଂସ୍କୃତିକ ଜୀବନ ଓ କଳାକ୍ଷେତ୍ରରେ ମୁକ୍ତ ଭାବରେ ଅଂଶଗ୍ରହଣ କରିବାର ଅଧିକାରକୁ ସୁନିଶ୍ଚିତ କରିଥାଏ।

HS

## ପାଣିପାଗ

ରାଜ୍ୟରେ ଆସନ୍ତା ୩ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ଆଗାମୀ ୩ ଦିନ ମଧ୍ୟରେ ସର୍ବାଧିକ ଦିନ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ କାଳବୈଶାଖୀର

ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲରେ ସର୍ବାଧିକ ସର୍ବାଧିକ ୨୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।